# NATIONAL NEWS BULLETIN (ODIA)

**9 July - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ପାରସ୍ପରିକ ବିଶ୍ୱାସ ଅଧିକ ସୁଦୃଢ଼ ହୋଇଛି, କହିଲେ ପ୍ରଧାନମନ୍ତ୍ରୀ

- ଭୁବନେଶ୍ୱରଠାରେ ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନର ଶୁଭାରମ୍ଭ କଲେ ଉପରାଷ୍ଟ୍ରପତି

- ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଆଜି ଅନୁଷ୍ଠିତ ହେବ ସୀମାନ୍ତ ଜିଲ୍ଲାଗୁଡ଼ିକର ପୋଲିସ୍ ଅଧୀକ୍ଷକ ସମ୍ମିଳନୀ

- ବ୍ରିକ୍ସ ପରିବହନ କାର୍ଯ୍ୟଗୋଷ୍ଠୀ ବୈଠକ ନାଗପୁରରେ ଆରମ୍ଭ

ଏବଂ

- ବ୍ରିଷ୍ଟେଲ୍‌ଠାରେ ଆଜି ଖେଳାଯିବ ଭାରତ-ଇଂଲଣ୍ଡ ଚତୁର୍ଥ ପୁରୁଷ ଟି-୨୦ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍

---

# ପିଏମ୍-ଅଷ୍ଟ୍ରେଲିଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ପାରସ୍ପରିକ ବିଶ୍ୱାସ ଅଧିକ ସୁଦୃଢ଼ ହୋଇଛି । ବିବିଧ ସାଂସ୍କୃତିକ ସମାଜ, ମହାସାଗରୀୟ ଶକ୍ତି, ସମାନ ମୂଲ୍ୟବୋଧ ଏବଂ ସମଭାବାପନ୍ନ ବିଶ୍ୱ ଦୃଷ୍ଟିକୋଣ ଏହାର ଆଧାର ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଅଷ୍ଟ୍ରେଲିଆର ମେଲ୍‌ବୋର୍ଣ୍ଣଠାରେ ତାଙ୍କ ପ୍ରତିପକ୍ଷ ଆନ୍ଥୋନୀ ଆଲ୍‌ବାନିଜ୍‌ଙ୍କ ସହ ଏକ ମିଳିତ ବିବୃତିରେ ଶ୍ରୀ ମୋଦୀ କହିଛନ୍ତି, ଗତ କିଛିବର୍ଷ ମଧ୍ୟରେ ଦୁଇଦେଶ ମଧ୍ଯରେ ରଣନୈତିକ ସହଭାଗିତା ବ୍ୟାପକ ହୋଇଛି । ଭାରତ-ଅଷ୍ଟ୍ରେଲିଆ ଶିଖର ସମ୍ମିଳନୀ ଦ୍ୱିପାକ୍ଷିକ ସହଯୋଗକୁ ଆହୁରି ସଶକ୍ତ କରୁଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

**V/O (PM-On Economic Cooperation)**

ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ଏବଂ ଅଷ୍ଟ୍ରେଲିଆ ସମଭାବାପନ୍ନ ଗଣତନ୍ତ୍ରର ଆକାଂକ୍ଷାକୁ ପ୍ରତିନିଧିତ୍ୱ କରୁଛନ୍ତି । ପ୍ରତିରକ୍ଷା, ସୁରକ୍ଷା ସହଯୋଗ ତଥା ଆହ୍ୱାନପୂର୍ଣ୍ଣ ରଣନୈତିକ ପରିବେଶର ମୁକାବିଲା ଦୁଇରାଷ୍ଟ୍ର ମଧ୍ୟରେ ସହଭାଗିତାର ଭିତ୍ତିଭୂମି ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

**V/O (PM-On Maritime)**

ପ୍ରଧାନମନ୍ତ୍ରୀ କହିଛନ୍ତି, ଦୁଇଦେଶ ମଧ୍ୟରେ ହୋଇଥିବା ଚୁକ୍ତି ପରମାଣୁ ଶକ୍ତିକ୍ଷେତ୍ର ପାଇଁ ଉପଯୋଗୀ ସାବ୍ୟସ୍ତ ହେବ । ଅଷ୍ଟ୍ରେଲିଆରୁ ଭାରତକୁ ୟୁରାନିୟମ୍ ଯୋଗାଣ ସକ୍ଷମ ହୋଇପାରିବ ବୋଲି ସେ କହିଛନ୍ତି । ଭାରତର ସ୍ୱଚ୍ଛଶକ୍ତି କ୍ଷେତ୍ରକୁ ଏହା ନୂତନ ଗତି ପ୍ରଦାନ କରିବ । ପ୍ରଧାନମନ୍ତ୍ରୀ କହିଛନ୍ତି, ସାଇବର ସୁରକ୍ଷା, ଆଧୁନିକ ପ୍ରଯୁକ୍ତିବିଦ୍ୟା ଏବଂ ଯୋଗାଣ ଶୃଙ୍ଖଳ ଆଦି କ୍ଷେତ୍ରରେ ଦୁଇଦେଶ ସହଭାଗିତା ନେଇ ସହମତ ହୋଇଛନ୍ତି। ଗୁରୁତ୍ୱପୂର୍ଣ୍ଣ ଖଣିଜ କରିଡର ପ୍ରତିଷ୍ଠା ପାଇଁ ଉଭୟ ଦେଶ ମିଳିମିଶି କାର୍ଯ୍ୟ କରିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏବଂ ତାଙ୍କ ଅଷ୍ଟ୍ରେଲୀୟ ପ୍ରତିପକ୍ଷ ଶ୍ରୀ ଆଲ୍‌ବାନିଜ୍ ଆଜି ପୂର୍ବାହ୍ନରେ ମେଲ୍‌ବୋର୍ଣ୍ଣଠାରେ ଭାରତ-ଅଷ୍ଟ୍ରେଲିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସମ୍ମିଳନୀରେ ଅଂଶ ଗ୍ରହଣ କରିଥିଲେ । ଉଭୟ ନେତା ଏହି ଅବସରରେ ଭାରତ ଏବଂ ଅଷ୍ଟ୍ରେଲିଆର ପ୍ରମୁଖ ବ୍ୟବସାୟୀ ଗୋଷ୍ଠୀଙ୍କ ସହ ମତ ବିନିମୟ କରିଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ସାଂପ୍ରତିକ ବିଶ୍ୱ ଅନିଶ୍ଚିତତା ତଥା ଯୋଗାଣ ଶୃଙ୍ଖଳ ପ୍ରତିବନ୍ଧକ ମଧ୍ୟରେ ଭାରତ ଏବଂ ଅଷ୍ଟ୍ରେଲିଆ ବିଶ୍ୱସ୍ତ ଅଂଶୀଦାର ଭାବେ ଆଗକୁ ବଢ଼ିବା ଅତ୍ୟନ୍ତ ଜରୁରୀ ।

୩ ଦିନିଆ ଅଷ୍ଟ୍ରେଲିଆ ଗସ୍ତରେ ଯାଇ ପ୍ରଧାନମନ୍ତ୍ରୀ ଶ୍ରୀମୋଦୀ ଗତ ସନ୍ଧ୍ୟାରେ ମେଲ୍‌ବୋର୍ଣ୍ଣଠାରେ ପହଞ୍ଚିଥିଲେ ।

---

# ଭିପି– ଓଡ଼ିଶା ଭିଜିଟ୍

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଆଜି 'ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ'ର ଶୁଭାରମ୍ଭ କରିଛନ୍ତି । ଭୁବନେଶ୍ୱର ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଉପରାଷ୍ଟ୍ରପତି ଶ୍ରୀ ରାଧାକ୍ରିଷ୍ଣନ ଏହି ପଦକ୍ଷେପର ଶୁଭାରମ୍ଭ କରିଛନ୍ତି । ନୀଳ ଅର୍ଥନୀତିକୁ ଜାତୀୟ ସମୃଦ୍ଧିର ଏକ ପରିବର୍ତ୍ତନକାରୀ ଇଞ୍ଜିନ୍ ଭାବେ ବର୍ଣ୍ଣନା କରି ଉପରାଷ୍ଟ୍ରପତି ଯୁବବର୍ଗଙ୍କୁ ବିକଶିତ ଭାରତର ମୂଳଦୁଆ ଭାବେ ଆଧୁନିକ ତଥା ପ୍ରଯୁକ୍ତିବିଦ୍ୟା ଆଧାରିତ ମତ୍ସ୍ୟଚାଷ ଏବଂ ଏ କ୍ଷେତ୍ରରେ ବୃତ୍ତିକୁ ଆପଣେଇବାକୁ ଆହ୍ୱାନ ଦେଇଛନ୍ତି । ଏହି ଅବସରରେ ଗଭୀର ସମୁଦ୍ରରେ କାର୍ଯ୍ୟରତ ଭାରତୀୟ ପତାକାଧାରୀ ମାଛଧରା ଜାହାଜଗୁଡ଼ିକ ପାଇଁ ଅନୁମତିପତ୍ରର ଜାତୀୟ ପ୍ରସାରଣକୁ ଉପରାଷ୍ଟ୍ରପତି ଆଜି ଉଦ୍‌ଘାଟନ କରିଛନ୍ତି । ଏହା ଦ୍ୱାରା ଦାୟିତ୍ୱପୂର୍ଣ୍ଣ

ଗଭୀର ସମୁଦ୍ର ମାଛଧରା ଏବଂ ସାମୁଦ୍ରିକ ସମ୍ପଦ ସଂରକ୍ଷଣ ପାଇଁ ଏକ ଦୃଢ଼ ଢାଞ୍ଚା ପ୍ରସ୍ତୁତ ହୋଇପାରିବ । ଉପରାଷ୍ଟ୍ରପତି ଶ୍ରୀ ରାଧାକ୍ରିଷ୍ଣନ ଆଜି ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ ଡକ୍ୟୁମେଣ୍ଟକୁ ମଧ୍ୟ ଉନ୍ମୋଚନ କରିଛନ୍ତି । ଏହି ପଦକ୍ଷେପ ରାଜ୍ୟର ଗଭୀର ସମୁଦ୍ର ମାଛଧରା ଇକୋସିଷ୍ଟମ୍‌କୁ ସୁଦୃଢ଼ କରିବା ସହିତ ନୀଳ ଅର୍ଥନୀତିକୁ ଅଧିକ ବ୍ୟାପକ କରିବ ।

ଭାରତର ସାମୁଦ୍ରିକ ଖାଦ୍ୟ ରପ୍ତାନୀ ଇତିମଧ୍ୟରେ ୭୩ ହଜାର କୋଟି ଟଙ୍କାକୁ ଅତିକ୍ରମ କରିଛି । ୧୨୦ରୁ ଅଧିକ ଦେଶରେ ଭାରତର ସାମୁଦ୍ରିକ ଖାଦ୍ୟ ପହଞ୍ଚି ପାରିଛି । ଜାହାଜ ଟ୍ରାକିଙ୍ଗ୍, ବିଶ୍ୱସ୍ତରୀୟ ସ୍ୱୀକୃତିପ୍ରାପ୍ତ ପ୍ରମାଣନ ମାନଦଣ୍ଡ ଏବଂ ଡିଜିଟାଲ୍ ଅନୁମୋଦିତ ଆଦି ପ୍ରଯୁକ୍ତିବିଦ୍ୟା ଆଧାରିତ ମତ୍ସ୍ୟଚାଷ ପାଇଁ ଉପରାଷ୍ଟ୍ରପତି ଏହି ଅବସରରେ ଯୁବବର୍ଗଙ୍କୁ ଆହ୍ୱାନ ଦେଇଛନ୍ତି । ଏଭଳି ପଦକ୍ଷେପ ୨୦୪୭ ସୁଦ୍ଧା ଏକ ସକ୍ରିୟ ନୀଳଅର୍ଥନୀତି ବିକଶିତ ଭାରତର ପ୍ରମୁଖ ମାଧ୍ୟମ ହେବ ବୋଲି ଉପରାଷ୍ଟ୍ରପତି କହିଛନ୍ତି ।

## ଏଚ୍‌ଏମ୍‌-ଏସ୍‌ପି କନ୍‌ଫରେନ୍ସ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଆଜି ସୀମାନ୍ତ ଜିଲ୍ଲାଗୁଡ଼ିକର ପୋଲିସ୍ ଅଧୀକ୍ଷକଙ୍କ ସମ୍ମିଳନୀ ଅନୁଷ୍ଠିତ ହେବ । ଜାମ୍ମୁ କାଶ୍ମୀର, ପଞ୍ଜାବ, ଉତ୍ତରାଖଣ୍ଡ, ରାଜସ୍ଥାନ, ଗୁଜରାଟ, ଉତ୍ତରପ୍ରଦେଶ, ବିହାର, ପଶ୍ଚିମବଙ୍ଗ ଏବଂ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ସମେତ ସୀମାନ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ପୋଲିସ୍ ଅଧୀକ୍ଷକ ଏହି ସମ୍ମିଳନୀରେ ଅଂଶ ଗ୍ରହଣ କରିବେ । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ମଧ ସମ୍ମିଳନୀରେ ଯୋଗ ଦେଉଛନ୍ତି । ସୀମାନ୍ତ

ଅଞ୍ଚଳଗୁଡ଼ିକର ପରିସ୍ଥିତିର ସମୀକ୍ଷା ସହିତ ଉନ୍ନତ କାର୍ଯ୍ୟାନ୍ୱୟନ ପାଇଁ ମାର୍ଗ ଚିହ୍ନଟ କରିବା ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ । ଫଳରେ ଦେଶର ସୀମା ସୁରକ୍ଷା ଢ଼ାଞ୍ଚା ଅଧିକ ସଶକ୍ତ ହୋଇପାରିବ । ଅନୁପ୍ରବେଶ ଏବଂ ବେଆଇନ ଭାବେ ବସବାସ କରୁଥିବା ଲୋକଙ୍କ ବିରୁଦ୍ଧରେ ପଦକ୍ଷେପକୁ ଅଧିକ ତ୍ୱରାନ୍ୱିତ କରିବା ଲକ୍ଷ୍ୟ ନେଇ ଏହି ବୈଠକରେ ବିସ୍ତୃତ ଆଲୋଚନା ହେବ । ଦେଶର ବିଭିନ୍ନ ପ୍ରାନ୍ତରେ ଜନସଂଖ୍ୟାଗତ ପରିବର୍ତ୍ତନର କାରଣ ଯାଞ୍ଚ କରିବା ଏବଂ ଏହାକୁ ଚିହ୍ନଟ କରିବା ନେଇ ସରକାରଙ୍କ ଦ୍ୱାରା ଗଠିତ ଉଚ୍ଚସ୍ତରୀୟ କମିଟିର ସୁପାରିଶ୍ ପୃଷ୍ଠଭୂମିରେ ଏହି ସମ୍ମିଳନୀ ଆୟୋଜନ ହେଉଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି ।

## ନାଗପୁର-ବ୍ରିକ୍ସ ମିଟିଂ

ବ୍ରିକ୍ସ ପରିବହନ କାର୍ଯ୍ୟଗୋଷ୍ଠୀ ବୈଠକ ଆଜି ନାଗପୁରରେ ଆରମ୍ଭ ହୋଇଛି । ବୈଠକ ପରେ ଗଣମାଧ୍ୟମକୁ ସମ୍ବୋଧନ କରି କେନ୍ଦ୍ର ପରିବହନ ସଚିବ ଭି. ଉମାଶଙ୍କର କହିଛନ୍ତି, ସହରାଞ୍ଚଳ ଭିତ୍ତିଭୂମି ତଥା ନିରନ୍ତର ବିକାଶ ଏବଂ ବିଭିନ୍ନ କ୍ଷେତ୍ରରେ ଅଭିବୃଦ୍ଧି ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି । ପରିବହନ କ୍ଷେତ୍ରରେ ସର୍ବୋତ୍ତମ ଅଭ୍ୟାସ ଏବଂ ପ୍ରସଙ୍ଗକୁ ଗ୍ରହଣ କରିବା ନେଇ ବୈଠକରେ ମତ ବିନିମୟ ହୋଇଥିବା ସେ ସୂଚନା ଦେଇଛନ୍ତି ।

ଆସନ୍ତା ଶନିବାର ଏବଂ ରବିବାର ଦୁଇଦିନ ଧରି ନାଗପୁରରେ ତୃତୀୟ ବ୍ରିକ୍ସ ପରିବହନ ମନ୍ତ୍ରୀଙ୍କ ବୈଠକ ଅନୁଷ୍ଠିତ ହେବ । ଭାରତର ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହେବାକୁ ଯାଉଛି । 'ନିରନ୍ତରତା, ନବସୃଜନ, ସହଯୋଗ ଏବଂ ସ୍ଥାୟୀତ୍ୱ ପାଇଁ ବ୍ରିକ୍ସ' ପ୍ରସଙ୍ଗ ଆଧାରରେ ଏହି ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ସ୍ଥିର ହୋଇଛି । ପରିବହନ

ମନ୍ତ୍ରୀ ନୀତିନ ଗଡ଼କରୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ବସିବ । ଏଥିରେ ସଦସ୍ୟ ରାଷ୍ଟ୍ରଗୁଡ଼ିକର ପରିବହନ ମନ୍ତ୍ରୀ ଓ ବରିଷ୍ଠ ପଦାଧିକାରୀ ଅଂଶ ଗ୍ରହଣ କରିବେ । ରୁଷ ଏବଂ ବ୍ରାଜିଲ୍ ଦ୍ୱାରା ପରିବହନ କାର୍ଯ୍ୟଗୋଷ୍ଠୀର ପ୍ରଥମ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆନ୍ତର୍ଜାତିକ କ୍ଷେତ୍ରରେ ପରିବହନ ସହଯୋଗକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଏହି ତୃତୀୟ ବୈଠକ ଅନୁଷ୍ଠିତ ହେବ ।

## ବୈଷ୍ଣବ:ପୁଣେ-ମୁମ୍ବାଇ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପୁଣେ-ମୁମ୍ବାଇ ଘାଟ ସେକ୍ସନରେ ରେଳ ପୁନଃ ଚଳାଚଳ କାର୍ଯ୍ୟର ଆଜି ସମୀକ୍ଷା କରିଛନ୍ତି । ଭୂସ୍ଖଳନ ଯୋଗୁଁ ଏହି ରେଳ ଲାଇନ୍ ଏବଂ ଏହାର ଆଖପାଖ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଥିଲା । ରେଳ ବିଭାଗ ପକ୍ଷରୁ ଏହାର ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି । ଶ୍ରୀ ବୈଷ୍ଣବ କହିଛନ୍ତି, ଇତିମଧ୍ୟରେ ଗୋଟିଏ ଲାଇନ୍‌ର ପୁନରୁଦ୍ଧାର କାର୍ଯ୍ୟ ଶେଷ ହୋଇସାରିଛି । ଏହି ରେଳପଥ ଦେଇ ୨ଟି ଲୋକୋମୋଟିଭ୍ ଏବଂ ଅନ୍ୟାନ୍ୟ ଟ୍ରେନ୍ ଚଳାଚଳ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଜିଲ୍ଲା କର୍ତ୍ତୃପକ୍ଷ ଏବଂ ବନ ବିଭାଗ ସହ ସମନ୍ୱୟ ରକ୍ଷା କରି ରେଳବାଇ ଏହି ଲାଇନ୍‌ର ପୁନରୁଦ୍ଧାର ପାଇଁ ଅବଶିଷ୍ଟ କାର୍ଯ୍ୟକୁ ତୁରନ୍ତ ସଂପୂର୍ଣ୍ଣ କରିବାକୁ ପ୍ରୟାସ ଜାରି ରହିଛି ।

## ଗଭ୍-ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ

କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗ ଏବଂ ଏହା ଆଧାରିତ ସମାଧାନ ପାଇଁ ଭାରତ ବୈଶ୍ୱିକ କ୍ଷେତ୍ରରେ ଏକ କେନ୍ଦ୍ର ଭାବେ ସ୍ଥାନିତ ହେବାକୁ ପ୍ରୟାସ ଜାରି ରହିଛି । ନୂଆଦିଲ୍ଲୀରେ ଭାରତୀୟ ଶିଳ୍ପ ମହାସଂଘର ବିଶ୍ୱ

ଦକ୍ଷତା କେନ୍ଦ୍ର ବ୍ୟବସାୟ ସମ୍ମିଳନୀ-୨୦୨୬ରେ ଆଜି ଉଦ୍‌ଘାଟନୀ ଅଧିବେଶନକୁ ସମ୍ବୋଧନ କରି ଇଲେକ୍‌ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟର ସଚିବ ଏସ୍. କ୍ରିଷ୍ଣନ ଏହା କହିଛନ୍ତି । ସେ କହିଛନ୍ତି, କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରକୁ ଏକ ସକାରାତ୍ମକ ଏବଂ ଆଶାପୂର୍ଣ୍ଣ ଦୃଷ୍ଟିକୋଣ ସହିତ ସରକାର ଗ୍ରହଣ କରିଛନ୍ତି । ବିଭିନ୍ନ କ୍ଷେତ୍ରରେ ଉତ୍ପାଦକତା ବୃଦ୍ଧି, ଦକ୍ଷତା ବିକାଶ ଏବଂ ଅଭିବୃଦ୍ଧି ପାଇଁ କୃତ୍ରିମ ବୁଦ୍ଧିମତ୍ତାର ଉପଯୋଗକୁ ଗୁରୁତ୍ୱ ଦିଆଯାଉଛି ବୋଲି ସେ କହିଛନ୍ତି । ବିଶ୍ୱ ସ୍ତରରେ ଭାରତକୁ କୃତ୍ରିମ ବୁଦ୍ଧିମତ୍ତା ଆଧାରିତ ଏକ ପେଣ୍ଠସ୍ଥଳୀ ଭାବେ ଗଢ଼ି ତୋଳିବାକୁ ସରକାରଙ୍କର ଲକ୍ଷ୍ୟ ରହିଛି ବୋଲି ସେ ସୂଚନା ଦେଇଛନ୍ତି ।

ସମାବେଶକୁ ସମ୍ବୋଧନ କରି ସରକାରଙ୍କ ମୁଖ୍ୟ ଆର୍ଥିକ ପରାମର୍ଶଦାତା ଡକ୍ଟର ଭି. ଅନନ୍ତ ନାଗେଶ୍ୱରମ୍ କହିଛନ୍ତି, ବିଶ୍ୱ ଦକ୍ଷତା ଆଧାରିତ କେନ୍ଦ୍ର ମଧ୍ୟରୁ ପ୍ରାୟ ଅଧିକ ଏବେ ଭାରତରେ କାର୍ଯ୍ୟ କରୁଛି ।

# କ୍ରିକେଟ୍-ଟି-୨୦

ଭାରତ-ଇଂଲଣ୍ଡ ଚତୁର୍ଥ ପୁରୁଷ ଟି-୨୦ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ଆଜି ବ୍ରିଷ୍ଟଲରେ ଖେଳାଯିବ । ଏହି ମ୍ୟାଚ୍ ସ୍ଥାନୀୟ କାଉଣ୍ଟି ପଡ଼ିଆରେ ଭାରତୀୟ ସମୟ ରାତି ୧୦ଟାରେ ଆରମ୍ଭ ହେବ । ପାଞ୍ଚମ୍ୟାଚ୍ ବିଶିଷ୍ଟ ଏହି ସିରିଜ୍‌ରେ ବର୍ତ୍ତମାନ ଇଂଲଣ୍ଡ ୨-୦ରେ ଆଗୁଆ ରହିଛି । ସିରିଜ୍‌ର ପ୍ରଥମ ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ ହୋଇଥିଲା ।